ସକାଳ-୬.୧୦.୨୦୨୩

# ବସୁଧା କୃଷକ ଉତ୍ପାଦକ ସଂଗଠନର ସାଧାରଣ ସଭା

ସୁନ୍ଦରଗଡ଼,୫।୧୦(ସମିସ)



ବସୁଧା କୃଷକ ଉତ୍ପାଦକ ସଂଗଠନର ଦ୍ୱିତୀୟ ବାର୍ଷିକ ସାଧାରଣ ସଭା ସେବକ ଆଞ୍ଚଳିକ ସାଧନକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ବିଓଡ଼ି ସଭ୍ୟ ଅଭିଷେକ ତନ୍ତୀ ବସୁଧା କୃଷକ ସଂଗଠନର ଲକ୍ଷ୍ୟ ଓ ଅଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ବ୍ଲକ କୃଷି ଅଧିକାରୀ ବିବେକ ପଟେଲ ବ୍ଲକ କୃଷି ତରଫରୁ ମିଳୁଥିବା ସମସ୍ତ କୃଷି ଜାତୀୟ ବିହନରୁ ଆରମ୍ଭ କରି କୃଷି ଉପକରଣ ଆଦି ସମସ୍ତ ସୁବିଧା ସୁଯୋଗ ବିଷୟରେ ସୂଚନା ଦେଇଥିଲେ। ୱାସନର ଜିଲ୍ଲା କୋଷାଧକ୍ଷ ସୌରଭ ନାୟକ ଓଡ଼ିଶା ମିଲେଟ୍ ମିଶନ ତରଫରୁ ବସୁଧା କୃଷକ ସଂଗଠନକୁ ମିଳୁଥିବା ସମସ୍ତ କୃଷି ଉପକରଣ ଓ ବସୁଧା କୃଷକ ସଂଗଠନର ସମସ୍ତ ଆୟ,ବ୍ୟୟର ହିସାବ ସଠିକ ଭାବରେ ରଖିବା ପାଇଁ କହିଥିଲେ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଭଲ ବ୍ୟବସାୟ କରି ଆଗାମୀ ଦିନରେ ବସୁଧା କୃଷକ ସଂଗଠନର ଉନ୍ନତି କରିବା ସହ ଚାଷୀ ଭାଇ ଲାଭାନ୍ୱିତ ହେବା ସମ୍ପର୍କରେ ଆଲୋଚନା କରିଥିଲେ। ସେବକର ଅଧକ୍ଷ ଅମୀୟକାନ୍ତ ନାଏକ ଚାଷୀମାନେ ଧାନ ଚାଷ ସହିତ ଅନ୍ୟଫସଲ କରି କିପରି ଅଧିକ ରୋଜଗାର କରି ପାରିବେ ବୁଝାଇଥିଲେ। ବସୁଧା କୃଷକ ସଂଗଠନର ସିଇଓ ବିଶାଲ ବଂଛୋର ଆଗାମୀ ଆର୍ôଥକ ବର୍ଷ ୨୦୨୩-୨୪ର କାର୍ଯ୍ୟକ୍ରମ ସମୂହ ଭିତ୍ତିକ ବ୍ୟବସାୟକ ଅନୁଷ୍ଠାନ ବିଭାଗର ଜପିନ ତାଣ୍ଡିଆ ଓ ଘଟେଶ୍ୱର ଛୁରା ବସୁଧା କୃଷକ ସଂଗଠନର ବୈଧାନିକ ଅନୁପାଳନ ଓ ମିଲେଟ୍ ମିଶନର ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧା ମଣ୍ଡିଆ ଚାଷ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ୩ ଜଣ ପ୍ରଗତିଶୀଳ ଚାଷୀ ପ୍ରଧାନପାଟର କ୍ଷେତ୍ରମଣି ଦେହେରୀ, ରୂପାବାହାଲର ଗୋବିନ୍ଦ ରୋହିଦାସ ଓ ବରାଖାଇର ନୀଳାଦ୍ରି ନାୟକଙ୍କୁ ପୁରସ୍କୃତ କରାଯାଥିଲା। ସଭାରେ ୨୦୦ରୁ ଊର୍ଦ୍ଧ୍ୱ ଅଂଶୀଦାର ଯୋଗ ଦେଇ ଗତ ବର୍ଷର ବ୍ୟବସାୟର ସମୀକ୍ଷା କରିବା ସହିତ ଆଗାମୀ ବର୍ଷର ବ୍ୟବସାୟ ଉପରେ ନିଷ୍ପତି ନେଇଥିଲେ। ବସୁଧା କୃଷକ ସଂଗଠନର ସିଆରପି ଯଶୋବନ୍ତ ରାଉତ, ଶୁଭମ ପସାୟତ, ସଞ୍ଜୟ ସିଂହ, ଆକାଶ ଚୌଧୁରୀ, ସୁମନ୍ତ ଖମାରି, ସୁଜାତା ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ବିଓଡ଼ି ସଭ୍ୟ ସଞ୍ଜୁ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅମୀୟ ରଞ୍ଜନ ଲେଙ୍କା ଧନ୍ୟବାଦ ଦେଇଥିଲେ।